## ଆଜି କ'ଣ କେଉଁଠି

- ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ସ୍ଥାନ–ବ୍ରହ୍ମପୁର ଜେଲ । ସମୟ– ପୂର୍ବାହ୍ନ ୮ଟା ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୪ ଗିରଫ

ବ୍ରହ୍ମପୁର ଅଫିସ,୨୩।୯-ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗର ଏକ ଟିମ୍ ଭଞ୍ଜନଗରରେ ଚଢ଼ାଉ କରି ୪୧ କେଜି ଗଞ୍ଜେଇ ଜବତ କରିଛି। ଏ ସଂକ୍ରାନ୍ତରେ ୪ଟି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସଚିନ କହଁର, ନରେଶ କୁମାର, ସନ୍ତୋଷ ସର୍ଦ୍ଦାର ଓ ଗଣେଶ ଡାକୁଆ। କେତେଜଣ ଯୁବକ ଗଞ୍ଜେଇ ଚାଲାଣ କରୁଥିବା ଖବର ପାଇ ଅବକାରୀ ଟିମ୍ ଭଞ୍ଜନଗର ଫରେଷ୍ଟ ଗେଟ୍ ନିକଟରେ ଛପି ରହିଥିଲା। ଯାଞ୍ଚ ସମୟରେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ସେମାନଙ୍କ ନିକଟରୁ ମୋଟ ୪୧କେଜି ଗଞ୍ଜେଇ ଜବତ ହୋଇଥିବା ଅବକାରୀ ବିଭାଗ ଡେପୁଟି କମିଶନର୍ ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।

### ନୂତନ ବିଦ୍ୟାର୍ଥୀଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା

ଧରାକୋଟ,୨୩।୯(ଡି.ଏନ୍.ଏ.)- ଧରାକୋଟ ବ୍ଲକର ମୁଣ୍ଡମରାଇ ସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀକୁ ନୂତନ ଭାବେ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ତରଫରୁ ନବାଗତ ବିଦ୍ୟାର୍ଥୀମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଇତିହାସ ବିଭାଗ ଅଧାପକ ରଞ୍ଜନ କୁମାର ପଟଯୋଶିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଅଧାପକ ଦିଗାମ୍ବର ବିଶୋଇ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଅଧାପକ ଶଙ୍କର ସାହୁ, କେ ଦୁର୍ଗା ପ୍ରସାଦ ଆଚାରିଙ୍କ ସମେତ ସମସ୍ତ ଅଧାପକ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ନୂତନ ଭାବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ୭୫ ଓ କଳା ବିଭାଗରେ ୨୫୦ ଛାତ୍ରୀଛାତ୍ର ପ୍ରବେଶ କରିଥିଲେ।

### ୧୨ ଭରି ଗହଣା, ଲକ୍ଷେ ଟଙ୍କା ଚୋରି

ବ୍ରହ୍ମପୁର ଅଫିସ,୨୩।୯-ଟାଉନ୍ ଥାନା ଅନ୍ତର୍ଗତ ଗାନ୍ଧୀନଗର ଦ୍ୱିତୀୟ ଲାଇନରେ ରହୁଥିବା ଦୀପକ ପାଣିଗ୍ରାହୀଙ୍କ ଘରତାଲା ଭାଙ୍ଗି ଦୁର୍ବୃତ୍ତ ଚୋରି କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ନଂ.୨୬୫/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଗତ ୨୦ତାରିଖ ରାତିରେ ଦୀପକ ଘରେ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଥିଲେ। ୨୨ ତାରିଖ ଅପରାହ୍ନରେ ଫେରିବାରେ ଘରତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘର ଭିତରେ ବି ଆଲମିରା ଭଙ୍ଗା ଯାଇଥିଲା। ଦୁର୍ବୃତ୍ତ ଆଲମିରାରେ ଥିବା ପ୍ରାୟ ୧ଲକ୍ଷ ଟଙ୍କା ଓ ସୁନାହାର, ଚେନ୍, ମୁଦି ଆଦି ପ୍ରାୟ ୧୨ ତୋଳାର ସୁନା ଗହଣା ଓ ରୁପା ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ତଦନ୍ତ ଜାରି ରଖିଛି।

### ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଆସିକା,୨୩।୯(ଡି.ଏନ୍.ଏ.)-ଗାଙ୍ଗପୁର ଥାନା ସାନଦୋଡଙ୍ଗା ଗ୍ରାମରେ ଶୁକ୍ରବାର ଗ୍ରାମ ଉପକଣ୍ଠ ବଡନଦୀରେ ବୁଡିଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ଅମି ରାଉତ (୫୬) । ଅମି ନଦୀକୁ ଗାଧେଇ ଯିବାକୁ ଯାଇଥିଲା ବେଳେ ପାଣିରେ ବୁଡିଯାଇଥିଲେ। ଅଗ୍ନିଶମ ବିଭାଗ ଖୋଜାଖୋଜି କରି ମୃତଦେହକୁ ଠାବ କରିଥିଲା । ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି । ଏ ନେଇ ଗାଙ୍ଗପୁର ଥାନାରେ ନଂ.୨୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

# ଟ୍ରମା କେୟାର ସେଣ୍ଟର ଲାଗି ପ୍ରସ୍ତାବ ପଠାଯିବ

ଛତ୍ରପୁର,୨୩।୯(ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ବ୍ରହ୍ମପୁର ଏମପି ଓ ଅନ୍ୟମାନେ।

ପାର୍ଲାମେଣ୍ଟ ସଭ୍ୟସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଶୁକ୍ରବାର ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ୧୬ ନଂ. ଜାତୀୟ ରାଜପଥକୁ ୬ ଲେନ୍ ବିଶିଷ୍ଟ କରିବାକୁ ବୈଠକରେ ପ୍ରସ୍ତାବ ଆସିଥିଲା । ଏହି ପ୍ରସ୍ତାବକୁ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରଣାଳୟ, ଏନଏଚଆଇକୁ ପଠାଯିବା ଲାଗି ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଥିଲା। ଅନ୍ୟପକ୍ଷରେ ଏନଏଚ୍‌କୁ ୬ ଲେନ୍ ପାଇଁ କୌଣସି ପ୍ରସ୍ତାବ ନ ଥିବା ଏନଏଚଆଇ ମୁଖ୍ୟ ସ୍ପଷ୍ଟ କରିଛନ୍ତି।

ଇଚ୍ଛାପୁର–ପୁଇଁତଳା ପର୍ଯ୍ୟନ୍ତ ଏନଏଚ୍‌ର ଉନ୍ନତୀକରଣ ହୋଇନି। ୨୦୦୦ରୁ ଏନଏଚଆଇ ଅବହେଳା କରିଚାଲିଥିବା କହି ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଉଦବେଗ ପ୍ରକାଶ କରିଥିଲେ। ସେହିପରି ୨୦ ବର୍ଷ ପରେ ଫ୍ଲାଏଓଭର ଓ ଅଣ୍ଡରପାସ୍ ପାଇଁ ପ୍ଲାନିଂ ହେଇଛି । ପୁଇଁତଳା ଠାରୁ ନାରାୟଣୀ ଛକ ପର୍ଯ୍ୟନ୍ତ ଚାଲିଥିବା ଏନଏଚ୍ ଉନ୍ନତୀକରଣ କାମ କେବେ ସରିବ ସେ ନେଇ ବିଧାୟକ ସନ୍ଦେହ ପ୍ରକାଶ କରିଥିଲେ । ଇଚ୍ଛାପୁର ଠାରୁ ପୁଇଁତଳା ପର୍ଯ୍ୟନ୍ତ ଏନଏଚ୍‌ରେ ୧୨ଟି ଫ୍ଲାଏଓଭର ଓ ଅଣ୍ଡର ପାସ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇ ଅନୁମୋଦନ ପାଇଁ ପଠାଯାଇଥିବା ଏନଏଚଆଇ

## ସଡକ ସୁରକ୍ଷା କମିଟି ବୈଠକ

ମୁଖ୍ୟ ସୂଚନା ଦେଇଥିଲେ । ଖଲ୍ଲିକୋଟ ସାନଘାଟି ଓ ବଡଘାଟିରେ ସାଇନେଜ୍ ଓ ରେଡିୟମ ନାହିଁ। ଏନେଇ ୩ ବର୍ଷ ହେଲା କହି ଆସୁଛି, ପଦକ୍ଷେପ ନିଆଗଲାନି ବୋଲି ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ବିରକ୍ତି ପ୍ରକାଶ କରିଥିଲେ । ମେଟାଲ କ୍ରସ ବ୍ୟାରିୟର, ସାଇନେଜ୍, ରେଡିୟମ ଆବଶ୍ୟକ ଥିବା ଏବଂ ନିକଟରେ ଜଣେ ବ୍ରିଗେଡିୟରଙ୍କ ଗାଡି ଦୁର୍ଘଟଣା ଘଟିଥିବା ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଥିଲେ । ୨ ମାସ ମଧ୍ୟରେ ଏହି ବ୍ୟବସ୍ଥା ହେବ ବୋଲି ଏନଏଚଆଇ ମୁଖ୍ୟ ସୂଚନା ଦେଇଥିଲେ। ଜିଲା ସଡକ ସୁରକ୍ଷା କମିଟିର ମୁଖ୍ୟ ଜିଲାପାଳ ହୋଇଥିବାରୁ ତାଙ୍କ ନିକଟକୁ ସଡକ ସୁରକ୍ଷା ସମ୍ବନ୍ଧୀୟ ଫଣ୍ଡ ଆସିବା କଥା । ଏନେଇ ସୁପ୍ରିମକୋର୍ଟଙ୍କ ନିୟମ ଅଛି । ମାତ୍ର ପରିବହନ କମିଶନରଙ୍କ ନିକଟରେ ଫଣ୍ଡ ରହୁଛି । ଏଥିଯୋଗୁ ସଚେତନା କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରୁ ନ ଥିବା ଏସପି କହିଥିଲେ। ତେବେ ଏହି ପ୍ରସ୍ତାବ ପଠାଯିବ ବୋଲି ବ୍ରହ୍ମପୁର ଏମ୍‌ପି କହିଥିଲେ। ବ୍ରହ୍ମପୁର ବଡ ମେଡିକାଲରେ ଛୋଟ ଟ୍ରମା କେୟାର ସେଣ୍ଟର ଅଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଆବଶ୍ୟକ ଥିବା ଏମପି କହିଥିଲେ । ଗଞ୍ଜାମ ଜିଲାରେ ଏକ ଟ୍ରମା କେୟାର ସେଣ୍ଟର ଲାଗି ସରକାରଙ୍କୁ ପ୍ରସ୍ତାବ ପଠାଯିବାକୁ ସମ୍ମତି ହୋଇଥିଲା । ପ୍ରସ୍ତାବିତ ଜଗନ୍ନାଥପୁର ଓ ଆମ୍ବପୁଆ ରେଲୱେ ଓଭର ବ୍ରିଜ୍ ନିର୍ମାଣ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ମାତ୍ର ରଘୁନାଥପୁର ଓ ରତନପୁର ବାଇପାସ ଓଭର ବ୍ରିଜ୍ ଆଳ ଦେଖାଇ ଏହି କାମକୁ କରାଇ ଦିଆଯାଉନି ବୋଲି ଛତ୍ରପୁର ବିଧାୟକ କହିଥିଲେ। ଏନେଇ ସରକାରଙ୍କୁ ଜଣାଇବାକୁ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗୁଡ ସାମାରିଟାନ୍ ଭାବେ ଛଣମେରୀର ବିଜୟ କୁମାର ପ୍ରଧାନ ଓ ପୋଡାମାରୀ ସରପଞ୍ଚ ସନ୍ତୋଷ କୁମାର ବିଷୋୟୀଙ୍କୁ ସମ୍ମାନିତ କରାଯାଇଥିଲା । ବୈଠକରେ ଆସିକା ଏମପି ପ୍ରମିଳା ବିଷୋଇ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ଏସପି ଡ. ଶ୍ରବଣା ବିବେକ ଏମ୍ , ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କିର୍ତ୍ତୀଭାସନ, ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ, ଏମଭିଆଇ ରବିନ୍ଦ୍ର ନାଥ ଜେନାଙ୍କ ସମେତ କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଗୋପାଳପୁର ପୋର୍ଟ ପକ୍ଷରୁ ସଫେଇ ଅଭିଯାନ

ଛତ୍ରପୁର,୨୩।୯(ଡି.ଏନ୍.ଏ.)

ଗୋପାଳପୁର ପୋର୍ଟ ପକ୍ଷରୁଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଶାଖା ଅଧୀନରେ ସ୍ଥାନୀୟ ବଡ ଆର୍ଯ୍ୟପଲ୍ଲୀ ଗ୍ରାମସ୍ଥିତ ଶ୍ରୀ ସିଦ୍ଧି ପୋଲାମା ମନ୍ଦିର ପରିସର ଏବଂ ଏହାର ଆଖପାଖ ଅଞ୍ଚଳରେ ସଫେଇ କରାଯାଇଛି। ଏହି ସାପ୍ତାହିକ ସଫେଇ କାର୍ଯକ୍ରମରେ ବନ୍ଦର କର୍ମକର୍ତ୍ତା, ବହୁ ସ୍ଥାନୀୟ ଗ୍ରାମବାସୀ ଏବଂ ଯୁବକ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରିବା ସହ ଅଭିଯାନକୁ ସଫଳ କରିଥିଲେ। ମନ୍ଦିର ପରିସର ଏବଂ ଆଖପାଖ ଅଞ୍ଚଳରୁ ପ୍ରାୟ ୪ଟ୍ରକ ବର୍ଜ୍ୟବସ୍ତୁ ତଥା ପ୍ଲାଷ୍ଟିକ/ପଲିଥିନ ଆଦି ସଂଗ୍ରହ କରାଯାଇ ପୃଥକ ଭାବେ ସ୍ଥାନାନ୍ତର କରାଯାଇଥିଲା। ସପ୍ତାହବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମ ଗୁରୁବାର ସରିଛି। ଏହି ଅବସରରେ ଗୋପାଳପୁର ବନ୍ଦର ଭିପି (ଏଚଆର/ଆଇଆର୍) ଅଜୟ କୁମାର ମିଶ୍ର କହିଥିଲେ, ସ୍ଥାନୀୟ ଜନସାଧାରଣଙ୍କ ଯୋଗଦାନ ଏହି ସଫେଇ ଅଭିଯାନକୁ ସଫଳ କରିଛି। ଗୋପାଳପୁର ବନ୍ଦର ସର୍ବଦା ସ୍ୱଚ୍ଛ ଭାରତ ଅଭିଯାନକୁ ଗୁରୁତ୍ୱ ଦେଇଆସିଛି। ପରିବେଶକୁ ସ୍ୱଚ୍ଛ, ସବୁଜ, ନିର୍ମଳ ତଥା ସୁରକ୍ଷା ପ୍ରଦାନ କରିବାପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଅଧିକ ଚାରାରୋପଣ କରିବା ଆଦି ଏକାଧିକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି।

# ନ୍ୟାୟ ପାଇଁ କ୍ୱାର୍ଟର୍ସ ଆଗରେ ସ୍ତ୍ରୀଙ୍କ ଧାରଣା


ସମାଜସେବୀଙ୍କ ସହ ଧାରଣାରେ ବସିଛନ୍ତି ସ୍ୱପ୍ନା।

ବ୍ରହ୍ମପୁର ଅଫିସ,୨୩।୯

## ରେଲୱେ କର୍ମଚାରୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

ଅଧିକ ଯୌତୁକ ଦାବି ନେଇ ଜଣେ ରେଲୱେ କର୍ମଚାରୀ ତାଙ୍କ ସ୍ତ୍ରୀଙ୍କୁ ମାନସିକ ଓ ଶାରିରିକ ନିର୍ଯାତନା ଦେଇଥିବା ଶୁକ୍ରବାର ସରକାରୀ ରେଳବାଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ସେପଟେ ସ୍ତ୍ରୀ ସ୍ୱପ୍ନା ନାୟକ ସ୍ୱାମୀଙ୍କ ସହିତ ରହିବା ପାଇଁ ତାଙ୍କ ସରକାରୀ ବାସଭବନ ବ୍ରହ୍ମପୁର ରେଳବାଇ କ୍ୱାର୍ଟର୍ସ ସମ୍ମୁଖରେ ଧାରଣାରେ ବସିଛନ୍ତି। ନ୍ୟାୟ ନ ମିଳିବା ଯାଏ ସେ ଧାରଣାରେ ବସିବେ ବୋଲି କହିଛନ୍ତି। ସ୍ୱପ୍ନାଙ୍କ ସହିତ ଧାରଣାସ୍ଥଳରେ ସମାଜସେବୀ ପ୍ରମିଳା ତ୍ରିପାଠୀ ମଧ୍ୟ ବସିଛନ୍ତି।

୨୦୧୨ ଜାନୁୟାରୀ ୧୮ରେ ସ୍ୱପ୍ନା ବୁଗୁଡା ଥାନା ଅନ୍ତର୍ଗତ କରଡ଼ାବାଡ଼ି ଗ୍ରାମର କାହ୍ନୁ ଚରଣ ନାୟକଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ଟି ସନ୍ତାନ ଅଛନ୍ତି। ଅଧିକ ଯୌତୁକ ଦାବିରେ ସ୍ୱପ୍ନାଙ୍କୁ ସ୍ୱାମୀ, ନଣନ୍ଦ, ନଣନ୍ଦେଇ, ଭଣଜା ମିଶି ଅଧିକ ଯୌତୁକ ଆଣିବାକୁ ଚାପ ପକାଉଥିଲେ। ଏପରିକି ୨୦୧୮ରେ ସେମାନେ ଘରୁ ତଡି ଦେବାରୁ ସ୍ୱପ୍ନା ଆସି ବାପ ଘରେ ରହୁଛନ୍ତି। ନ୍ୟାୟ ଦାବିରେ ଶୁକ୍ରବାର ଜିଆରପି ଥାନାରେ ଅଭିଯୋଗ କରିଥବଲେ। ଏ ନେଇ ନଂ.୭୨/୨୨ରେ ମାମଲା ରୁଜୁ ହୋଇଛି।

# ଟେଲିଫୋନ ଉପଭୋକ୍ତା ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଉପଭୋକ୍ତା ବୃନ୍ଦ।

ବ୍ରହ୍ମପୁର ଅଫିସ,୨୩।୯

ହରିଡାଖଣ୍ଡିଠାରେ ଟ୍ରାଇ ସହଯୋଗରେ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥା ବିଏସଏନଏଲ, ଏୟାରଟେଲ ଓ ଜିଓ ରିଲାଏନ୍ସର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଟ୍ରାଇର ସୁଧାଂଶୁ ମୋହନ ଦାଶ ସଚେତନତା କାର୍ଯ୍ୟକ୍ରମର ଲକ୍ଷ୍ୟ ସଂପର୍କରେ ସୂଚନା ଦେଇଥିଲେ। ପରିବର୍ତ୍ତନ ସଂସ୍ଥାର ସଂପାଦକ ଶୁଭ୍ରାଂସୁ ଭୂଷଣ ସ୍ୱାଇଁ ପରିବର୍ତ୍ତନ ସଂସ୍ଥା ଓ ଟିଆରଏଆଇ (ଟ୍ରାଇ)ର ଆଭିମୁଖ୍ୟ ସମ୍ବନ୍ଧରେ କହିଥିଲେ। ଏଥିସହ ବିଭିନ୍ନ ସେବା ପ୍ରଦାନକାରୀ ସଂସ୍ଥା ତରଫରୁ ଉପଭୋକ୍ତା କିଭଳି ବିନା ବାଧାରେ ଠିକ ଭାବେ ସେବା ପାଇପାରିବେ ସେ ସଂପର୍କରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପଭୋକ୍ତାମାନେ ସେମାନେ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ତାହାର ନିରାକରଣ ସମ୍ବନ୍ଧରେ ପଚାରି ବୁଝିଥିଲେ। ବିଏସଏନଏଲ ଏଜିଏମ ଦୁର୍ଗା ଶଙ୍କର ପାତ୍ର ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ କହିଥିଲେ। ଏୟାରଟେଲ ବ୍ରହ୍ମପୁର କ୍ଲଷ୍ଟର ମୁଖ୍ୟ ସତ୍ୟ ନାୟକ ଉପଲବ୍ଧି ସେବା ସଂପର୍କରେ କହିଥିଲେ। ଜିଓ ରିଲାଏନ୍ସ ପକ୍ଷରୁ ଜେ.ପ୍ରହରାଜ ରିଲାଏନ୍ସର ବିଭିନ୍ନ ସେବା ଓ ସୁବିଧା ସଂପର୍କରେ କହିଥିଲେ। ଏଥିରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅଧିନସ୍ଥ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକସଭା

ରମ୍ଭା,୨୩।୯

ଛତ୍ରପୁର ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ତଥା ଶିକ୍ଷକ ନେତା ଆଦିକନ୍ଦ ସେଠୀଙ୍କ ଗୁରୁବାର ଭୋରରେ ହୃତ୍‌ଘାତରେ ପରଲୋକ ଘଟିଥିଲା। ବିଧାୟକଙ୍କ ବିୟୋଗରେ ଝାରେଡି ରାଧାଗୋବିନ୍ଦପୁର ପଞ୍ଚାୟତର ସିପାକୁଦା ଗ୍ରାମର ବାତ୍ୟା ଆଶ୍ରୟ ସ୍ଥଳୀରେ ସାଥି ସୁଧୀର ନାହାକଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଦଳୀୟ କର୍ମୀ ନେତାମାନେ ବିଧାୟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ଶୋକସଭାରେ ଛତ୍ରପୁର ପୂର୍ବତନ ବିଧାୟକ ଏନ ନାରାୟଣ ରେଡ୍ଡୀ, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ସେଠୀ, ପୂର୍ଣ୍ଣ ରଥ, ଶ୍ରମିକ ନେତା ଜେ.ଭାସ୍କର ପାତ୍ର, ସମ୍ପାଦକ ବି.ଦଣ୍ଡପାଣି ପାତ୍ର, ଶିକ୍ଷକ ନେତା ନାରାୟଣ ନାୟକ, ନିରାକାର ବେହେରା, ଯୁବନେତା ବି ବିଶ୍ୱନାଥ ପାତ୍ର, କାଉନସିଲର କ୍ଷେତ୍ର ମୋହନ ବେହେରା, ଦେବସ ନାହାକ, ରଙ୍କନିଧି ନାୟକ ପ୍ରମୁଖ ଶତାଧିକ ଦଳୀୟ କର୍ମୀ, ନେତା, ସମର୍ଥକ ସାମିଲ ଥିଲେ।

# ଏଚ୍‌ସିଏଲ ପକ୍ଷରୁ ନିଯୁକ୍ତି କର୍ମଶାଳା



ନିଯୁକ୍ତି କର୍ମଶାଳା।

ବ୍ରହ୍ମପୁର ଅଫିସ,୨୩।୯

## ସିଟି ମହାବିଦ୍ୟାଳୟ

ବ୍ରହ୍ମପୁର ସିଟି ମହାବିଦ୍ୟାଳୟରେ ଶୁକ୍ରବାର ଆଇକ୍ୟୁଏସି ସେଲ ଓ ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏଚସିଏଲ ଟେକ୍ନୋଲୋଜି କମ୍ପାନୀ ପକ୍ଷରୁ ଏକ ନିଯୁକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼.ଅନିତା ପଣ୍ଡା ଅଧ୍ୟକ୍ଷତା କରିଥିଲେ। କମ୍ପାନୀ ପକ୍ଷରୁ ରାଜ୍ୟ ମୁଖ୍ୟ ପ୍ରୀତମ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଏହି ନିଯୁକ୍ତି କର୍ମଶାଳାରେ ୨୦୨୧–୨୨ ଶିକ୍ଷାବର୍ଷର ଯୁକ୍ତ ୨ପାସ କରିଥିବା ଛାତ୍ରୀଛାତ୍ର ମାନେ ଅଂଶ ଗ୍ରହଣ କରିଥିଲେ। କମ୍ପାନୀ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରକ୍ରିୟା, କମ୍ପାନୀରେ ଥିବା ବୃତ୍ତି ଓ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ରାଜ୍ୟ ମୁଖ୍ୟ ବେହେରା ବିବରଣୀ ପ୍ରଦାନ କରିଥିଲେ। କର୍ମଶାଳାରେ ପ୍ରଥମ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସହ ଜୀବିକା ନିର୍ବାହ ସମ୍ପର୍କିତ ପରାମର୍ଶ ଦିଆଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ପ୍ରତିଶତ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ଲିଖିତ ପରୀକ୍ଷା ହୋଇଥିଲା। ଏହି ପରୀକ୍ଷାରେ ପାସ ହୋଇଥିବା ଛାତ୍ରୀଛାତ୍ରଙ୍କୁ କମ୍ପାନୀ ପକ୍ଷରୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ। ଜିଲା ନିୟୋଜନ କାର୍ଯ୍ୟାଳୟର ଜନକ କୁମାର ପଣ୍ଡା,ସଞ୍ଜୀବ କୁମାରଙ୍କ ସମେତ ଆଇକ୍ୟୁଏସି ସେଲ ସଂଯୋଜକ ମାଧୁରୀ ପାଢ଼ୀ, ସହ ସଂଯୋଜକ ଲେଫ୍ଟନାଣ୍ଟ ମେଘନାଦ ପ୍ରଧାନ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

# ପରିମଳ କର୍ମଚାରୀଙ୍କୁ ପରିଚୟପତ୍ର ବଣ୍ଟନ

ବ୍ରହ୍ମପୁର ଅଫିସ, ୨୩।୯



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଶୁକ୍ରବାର ଟାଉନ ହଲଠାରେ ବିଏମସି ଅଧୀନସ୍ଥ ପରିମଳ କର୍ମଚାରୀଙ୍କୁ ଗରିମା ଯୋଜନାରେ ପରିଚୟ ପତ୍ର ବଣ୍ଟନ କରାଯାଇଛି। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗରିମା ଯୋଜନା ସମ୍ପର୍କରେ ମତ ରଖିଥିଲେ। ଗରିମାର ରାଜ୍ୟ ସହାୟତା ୟୁନିଟ ତରଫରୁ ରଶ୍ମିତା ପଟେଲ ଯୋଗଦେଇ ପରିମଳ କର୍ମଚାରୀଙ୍କ ଦାୟିତ୍ୱ ସମ୍ପର୍କରେ କହିଥିଲେ। କର୍ମଚାରୀଙ୍କୁ ସୁରକ୍ଷା ପୋଷାକ, ଏହାର ବ୍ୟବହାର ଉପରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଡେପୁଟି ମେୟର ଇ.ବିବେକ ରେଡ୍ଡୀ ଯୋଗ ଦେଇଥିଲେ। ବିଏମସି ଏନଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଏମସି ପକ୍ଷରୁ ୧୩୧୪ଜଣ ପରିମଳ କର୍ମଚାରୀଙ୍କୁ ପରିଚୟ ପତ୍ର ବଣ୍ଟାଯାଇଥିଲା। କାର୍ଯ୍ୟକ୍ରମରେ ସାନିଟେସନ ବିଭାଗର ସାଗରିକା ଖଣ୍ଡୁଆଳ, ନୋଡାଲ ଗୋଷ୍ଠୀ ସଂଯୋଜିକା ଗୀତାଞ୍ଜଳୀ ସାମନ୍ତରାୟ ଓ ସ୍ମିତା ଦାଶଙ୍କ ସମେତ ବିଏମସିର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ପିସିସି ସଦସ୍ୟ ହେଲେ ସୁଜିତ୍ ସ୍ୱାଇଁ

ବୁଗୁଡ଼ା,୨୩।୯(ଡି.ଏନ.ଏ.)

ଦୀର୍ଘ ବର୍ଷ ପରେ ବୁଗୁଡ଼ା ବ୍ଲକର ଯୁବ ନେତା ସୁଜିତ ସ୍ୱାଇଁ ପିସିସିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ସର୍ବ ପ୍ରଥମେ ଜିଲା କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଜେନା ଓ ଓଡିଶା ପିସିସି ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ପୂର୍ବରୁ କଂଗ୍ରେସର ଗଡ ଥିବା ବୁଗୁଡ଼ା ଏନ୍‌ଏସିରେ ପୁଣି କିପରି କଂଗ୍ରେସର ପୁନଃଉଦ୍ଧାର ହୋଇପାରିବ ସେନେଇ ଯଥାସାଧ୍ୟ ଉଦ୍ୟମ କରିବେ ଏବଂ ଜିଲା ସଭାପତି ଓ ରାଜ୍ୟସ୍ତରୀୟ ନେତାଙ୍କ ସହଯୋଗ ମିଳିଲେ ବୁଗୁଡ଼ା ବ୍ଲକରେ କଂଗ୍ରେସର ସ୍ଥିତି ମଜଭୁତ ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ପର୍ଯ୍ୟଟନ ଦିବସ ଉପଲକ୍ଷେ କୁଇଜ ପ୍ରତିଯୋଗିତା

ଫୁଲବାଣୀ ଅଫିସ, ୨୩।୯

ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଉପଲକ୍ଷେ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ହୋଇଯାଇଛି। ସ୍ଥାନୀୟ ପର୍ଯ୍ୟଟନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟସ୍ତରର ୯ ଟି ଓ ମହାବିଦ୍ୟାଳୟ ସ୍ତରର ୪ଟି ଦଳ ଭାଗ ନେଇଥିଲେ। ବିଦ୍ୟାଳୟ ସ୍ତରରେ କେନ୍ଦ୍ରୀୟ ବିଦ୍ୟାଳୟର ସୀୟା ସକୁନ ଓ ଅନ୍ୱେଷା ମହାପାତ୍ର ପ୍ରଥମ ହୋଇଥିବା ବେଳେ ଏଜେଓ ଉଚ୍ଚ ବିଦ୍ୟାଳୟର ସନ୍ଦୀପ ସତପଥି ଓ ସ୍ମୃତିରେଖା ପାତ୍ର ଦ୍ୱିତୀୟ ଏବଂ କାରମେଲ ସ୍କୁଲର ନଳମନ୍ତୀ ପ୍ରଣଇ ଓ ପାରୁଲ ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ମହାବିଦ୍ୟାଳୟ ସ୍ତରରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଶ୍ୱଥମା ଭୋଇ ଓ ନିବେଦିତା ବାଗ ପ୍ରଥମ, ସରକାରୀ ଆଇଟିଆଇର ଶ୍ରଦ୍ଧାଞ୍ଜଳି ଭୋଇ ଓ କ୍ଷିତିସୂତା ବେହେରାଦଳାଇ ଦ୍ୱିତୀୟ ଏବଂ ମହିଳା ମହାବିଦ୍ୟାଳୟର ସ୍ମୃତିଶିଖା ସାହୁ ଓ ସୁଜ୍ଞାନୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାକୁ ବ୍ରଜ ବିହାରୀ ନନ୍ଦ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ମିଶ୍ର ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ବରିଷ୍ଠ ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର, ଅଧାପକ ଡ ସୁଜିତ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ଶୁଭଦର୍ଶନୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ନାୟକ ସକ୍ରିୟ ସହଯୋଗ କରିଥିଲେ।

# ଜମିର ବେଞ୍ଚ ମାର୍କ ମୂଲ୍ୟାୟନ ତ୍ରୁଟିପୂର୍ଣ୍ଣ

ବ୍ରହ୍ମପୁର ଅଫିସ,୨୩।୯

## ସଂଶୋଧନ ଦାବି କଲା ଭାଜପା

ତ୍ରୁଟିପୂର୍ଣ୍ଣ ବେଞ୍ଚ ମାର୍କ ମୂଲ୍ୟାୟନ ଯୋଗୁ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଜମି ବିକାକିଣାରେ ସମସ୍ୟା ସୃଷ୍ଟି ହୋଇଛି। ସରକାରୀ ଅଧିକାରୀମାନେ ଠିକ୍ ଭାବେ ଅନୁଧ୍ୟାନ କରି ତ୍ରୁଟି ସଂଶୋଧନ ପାଇଁ ଗତ ଦୁଇ ବର୍ଷ ହେବ ହୋଇଥିବା ଦାବି ପ୍ରତି ଆଖି ବୁଜି ଦିଆଯାଇଛି। ଫଳରେ ଲୋକେ ନିଜ ଜମି ଆବଶ୍ୟକ ସ୍ଥଳେ ବିକ୍ରି କରିନପାରି ଚଢ଼ା ସୁଧରେ ଜମି ବନ୍ଧକ ଦେଇ ଋଣ ଆଣିବାକୁ ବାଧ୍ୟ ହେଉଛନ୍ତି। କେବଳ ସେତିକି ନୁହେଁ ରେଜିଷ୍ଟ୍ରେଶନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ବଢ଼ି ଚାଲିଛି ବୋଲି ଭାଜପା ଅଭିଯୋଗ କରିଛି। ଏହାର ତ୍ୱରିତ ପଦକ୍ଷେପ ନିଆନଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଭାଜପା ନେତା କାହ୍ନୁ ଚରଣ ପତି ଶୁକ୍ରବାର କହିଛନ୍ତି ବେଞ୍ଚ ମାର୍କ ମୂଲ୍ୟାୟନର ସଂଶୋଧନ ଦାବି କରି ବିଲଡରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। କିଣାବିକା ରେଜିଷ୍ଟ୍ରେଶନ ହୋଇନପାରିବାରୁ ପ୍ରତିବାଦରେ ଦଲିଲ ଲେଖାଳିମାନେ ସବ୍‌ରେଜିଷ୍ଟ୍ରାର ଅଫିସ ଆଗରେ ଧାରଣା ଦେଇଥିଲେ। ଅପରପକ୍ଷରେ ବ୍ରହ୍ମପୁରରେ ଦୀର୍ଘଦିନରୁ ଖାଲି ପଡ଼ିଥିବା ସବରେଜିଷ୍ଟ୍ରାର ପଦ ପୂରଣ ପାଇଁ ଲେଖାଳିମାନେ ଦାବି କରିଥିଲେ। ଉପରୋକ୍ତ ଦାବିଗୁଡ଼ିକ ଅଦ୍ୟାବଧି ପୂରଣ ହୋଇନଥିବା ପତି ଅଭିଯୋଗ କରିଛନ୍ତି।

ସେହିପରି ବ୍ରହ୍ମପୁର ମହାନଗର ନିକଟ କୁକୁଡ଼ାଖଣ୍ଡି ଓ କନିଷି ସମେତ ସବଡିଭିଜନର ଚିକିଟି, ପାତ୍ରପୁର ଓ ଅନ୍ୟ ସ୍ଥାନରେ ମଧ୍ୟ ବେଞ୍ଚ ମାର୍କ ମୂଲ୍ୟାୟନ ତ୍ରୁଟିପୂର୍ଣ୍ଣ ହୋଇଥିବା ଏବଂ ସଂଶୋଧନ କରାଯାଉନଥିବାରୁ ଜମି କାରବାରରେ ସମାନ ଅବସ୍ଥା ଦେଖାଦେଇଛି। ସରକାରଙ୍କ ରାଜସ୍ୱ ପ୍ରଶାସନ ଏହାର ସମାଧାନ କରିବାକୁ ଭାଜପାର ବରିଷ୍ଠ ନେତା ପୁନର୍ବାର ଦାବି କରିଛନ୍ତି।

## ସଂକ୍ଷେପରେ

### ଶାଗୁଆନ କାଠ ବୋଝେଇ ଟ୍ରାକ୍ଟର ଜବତ

ପାତ୍ରପୁର,୨୩।୯(ଡି.ଏନ.ଏ.): ସାମନ୍ତିଆପଲ୍ଲୀ ରେଞ୍ଜ ନାରାୟଣପୁର ଛକ ନିକଟରେ ଶୁକ୍ରବାର ଆନ୍ଧ୍ର ଚାଲାଣ ବେଳେ ଜଙ୍ଗଲ ବିଭାଗ ଶାଗୁଆନ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲାର ଅର୍ଜ୍ଜୁନ ନାଇକ ଏବଂ ପୂର୍ଣ୍ଣଚନ୍ଦ୍ର ଗୌଡ଼। ଆଦିବାସୀ ଇଲାକାରୁ ବିଭିନ୍ନ ମୂଲ୍ୟବାନ କାଠ ଆନ୍ଧ୍ର ଚାଲାଣ ହେଉଥିବା ରେଞ୍ଜର ମନୋଜ କୁମାର ପାତ୍ର ଖବର ପାଇ ଫରେଷ୍ଟର ରତ୍ନ କୁମାର ବେହେରା ଓ ତରୁଣେଶ୍ୱର ଶବରଙ୍କ ସହ ଚଢ଼ାଉ କରିଥିଲେ। ମହିନ୍ଦ୍ରା ଟ୍ରାକ୍ଟର ଯୋଗେ ୩୦ ଶାଗୁଆନ କାଠଗଣ୍ଡି ପ୍ରାୟ ୪୩.୨୯ସିଏଫଟି କାଠ ନେଉଥିବା ବେଳେ ଜଙ୍ଗଲ ବିଭାଗ ଚଢ଼ାଉ କରିଥିଲେ।

### କଲଭର୍ଟ ନିକଟରୁ ଜଣଙ୍କ ମୃତଦେହ ଜବତ

ପାରଳାଖେମୁଣ୍ଡି,୨୩।୯(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ତଥା କାଶୀନଗର ବ୍ଲକ ରାଣୀପେଣ୍ଠ ଗ୍ରାମ ମୁଖ୍ୟରାସ୍ତାରେ ଥିବା ଏକ କଲଭର୍ଟ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ରାଣୀପେଣ୍ଠ ଗ୍ରାମାଞ୍ଚଳର କେ.ଆପ୍ପାରାଓ (୫୫)। କେ.ଆପ୍ପାରାଓ ମୁଖ୍ୟ ରାସ୍ତା ଉପରେ ଥିବା କଲଭର୍ଟ ଉପରେ ବସିଥିବା ବେଳେ କୌଣସି କାରଣରୁ ତଳକୁ ଗଳି ପଡ଼ିଥିଲେ। ବହୁ ସମୟ ଧରି ନାଳରେ ପଡି ରହିଥିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ପାରଳାଖେମୁଣ୍ଡି ପୋଲିସର ପୋଲିସ ପହଞ୍ଚି ଅଧିକ ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଅବକାରୀ ବିଭାଗ ଏସ୍‌ଆଇ ସମ୍ବର୍ଦ୍ଧିତ

ପାରଳାଖେମୁଣ୍ଡି,୨୩।୯(ଡି.ଏନ୍.ଏ.)- ମଧ୍ୟପ୍ରଦେଶର ଇନ୍ଦୋର ଜାତୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ୭ମ ଏସ୍‌ପିକେଏଫ୍ ଗେମ୍ସ-୨୦୨୨ରେ ଭାଗନେଇଥିବା ଗଜପତି ଜିଲା ଅବକାରୀ ବିଭାଗର କାର୍ଯ୍ୟରତ ଏସଆଇ କିଶୋର ଚନ୍ଦ୍ର ରଥ ୩ ବିଭାଗରେ କୃତିତ୍ୱ ହାସଲ କରିଥିଲେ। ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିବା ଅବକାରୀ ବିଭାଗର ଏସଆଇ ରଥଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀ ଭେଟେରାନ କ୍ରୀଡାବିତ୍ ରଥଙ୍କୁ ଶାଲ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ପ୍ରତିଯୋଗିତାରେ ସମଗ୍ର ଭାରତ ବର୍ଷରୁ ୫୦ରୁ ୬୦ବର୍ଷ ବୟସ୍କର କ୍ରୀଡାବିତ୍‌ମାନେ ଭାଗ ନେଇଥିଲେ। ଗଜପତି ଜିଲାର କିଶୋର ଚନ୍ଦ୍ର ରଥ ମଧ ଭାଗନେଇ ୧୦୦ମିଟର ଦୌଡ ପ୍ରତିଯୋଗିତା ଏବଂ ଟ୍ରିପଲ ଜମ୍ପ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଦଖଲ କରି ରୌପ୍ୟ ପଦକ ପାଇଥିବା ବେଳେ ଲଙ୍ଗଜମ୍ପରେ ତୃତୀୟ ସ୍ଥାନ ଦଖଲ କରି କାଂସ୍ୟ ପଦକ ପାଇଥିଲେ।

### ସ୍ୱଚ୍ଛତା ହିଁ ସେବା ଦିବସ

କବିସୂର୍ଯ୍ୟନଗର,୨୩।୯(ଡି.ଏନ.ଏ.)- କବିସୂର୍ଯ୍ୟନଗର ବ୍ଲକର ୨୧ ପଞ୍ଚାୟତରେ ବିଡିଓ ବାସୁଦେବ ନାୟକଙ୍କ ତତ୍ତ୍ୱାବଧାନରେ ସେବା ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ୧୦୦ ଘଣ୍ଟା ବା ସପ୍ତାହରେ ୨ଘଣ୍ଟା ସ୍ୱଚ୍ଛତା ପାଇଁ ଶ୍ରମଦାନ ସହିତ ନିଜ ପରିବେଶ ସଫା ରଖିବା ସହ ସାହି, ଗାଁ, କାର୍ଯ୍ୟାଳୟକୁ ସଫା ରଖିବା ଲାଗି ସମସ୍ତ ପଞ୍ଚାୟତ କର୍ମଚାରୀ ଓ ସ୍ୱଚ୍ଛସାଥୀଙ୍କୁ ଶପଥ ପାଠ କରାଇଥିଲେ ଆରଡବ୍ଲୁଏସଏସ ଜେଇ ସନ୍ତୋଷ ଦାସ। ଏହି ପରିପ୍ରେକ୍ଷୀରେ ୨୧ଟି ପଞ୍ଚାୟତର ଅଙ୍ଗନୱାଡି ଗୃହ ଓ ପରିବେଶ, ପୋଖରୀ, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ରାସ୍ତାଘାଟକୁ ସଫେଇ କରାଯାଇଛି।

### ଜନ ଆରୋଗ୍ୟ ସମିତିର କାର୍ଯ୍ୟକାରିଣୀ ବୈଠକ

ଚିକିଟି,୨୩।୯(ଡି.ଏନ.ଏ.)-ଚିକିଟି ବ୍ଲକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ସୁରଳଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ମନୋଜ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜନ ଆରୋଗ୍ୟ ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରୋଗ୍ୟ ସମିତିର ଲକ୍ଷ୍ୟ ଓ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଡାକ୍ତର କିରନ କୁମାର ନାୟକ, ଡାକ୍ତର ଦେବୀ ପ୍ରସାଦ ଦାସ, ସୁରଳ ଗ୍ରାମପଞ୍ଚାୟତର ସରପଞ୍ଚ ଓ ପୂର୍ବତନ ସରପଞ୍ଚ, ବିପିଏମ ରାମଚନ୍ଦ୍ର ସାହୁ, ସଦାନନ୍ଦ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ, ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଡାକ୍ତର ଦେବୀ ପ୍ରସାଦ ଜନ ଆରୋଗ୍ୟ ସମିତିର ବଜେଟ ଉପସ୍ଥାପନ କରିଥିଲେ।

### ଜୈବିକ ଚାଷ ତାଲିମ ଶିବିର

ଆର.ଉଦୟଗିରି,୨୩।୯(ଡି.ଏନ.ଏ.)- ଆର.ଉଦୟଗିରି ବ୍ଲକର ଅବାରସିଂ ପଞ୍ଚାୟତ ରାଜୀବ ଗାନ୍ଧୀ ସେବକେନ୍ଦ୍ର ପରିସରରେ ଓଡିଶା ଜୀବନ ମିଶନ୍ ପକ୍ଷରୁ ଜୈବିକ ଚାଷ ସମ୍ପର୍କିତ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୈବିକ ସାର ପ୍ରସ୍ତୁତି ନେଇ ଚାଷୀଙ୍କୁ ତାଲିମ ଦିଆଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏନେଇ ସମସ୍ତ ସହାୟତାରେ ଓଡିଶା ଜୀବିକା ମିଶନ୍ ପକ୍ଷରୁ ଯୋଗାଇ ଦିଆଯିବ ଏବଂ ହିତାଧିକାରୀମାନଙ୍କୁ ଜୈବିକ କୃଷକ ପ୍ରମାଣପତ୍ର ମଧ ଦିଆଯିବ। ଏହା ଦ୍ୱାରା ସେମାନେ ସହଜରେ ନିଜ ଉତ୍ପାଦନ ବିକ୍ରି କରିପାରିବେ ବୋଲି ସୂଚନା ମିଳିଛି।

# ନିଜସ୍ୱ ପାଣ୍ଠିରେ ଗ୍ରାମବାସୀ ନିର୍ମାଣ କଲେ କାଠପୋଲ

**ପାରଳାଖେମୁଣ୍ଡି,୨୩।୯(ଡି.ଏନ୍.ଏ.)**

ଗାଁକୁ ନାହିଁ ପକ୍କା ରାସ୍ତା କିମ୍ବା ପୋଲ, ଦୋଳାରେ ବୁହା ହେଉଛନ୍ତି ରୋଗୀ। ଏପରି ଦୈନନ୍ଦିନ ଅଭିଶପ୍ତ ଜୀବନ ଓ ଗମନାଗମନର ସମସ୍ୟା ଯୋଗୁ ଗ୍ରାମବାସୀ ନିଜସ୍ୱ ପାଣ୍ଠି ସଂଗ୍ରହ କରି ନିର୍ମାଣ କଲେ କାଠପୋଲ। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ରାଇପଙ୍କା ପଞ୍ଚାୟତ ଜନକପୁର ଗାଁରେ। ରାଜ୍ୟ ସରକାରଙ୍କ ବିକାଶ, ଦୁର୍ଗମାଞ୍ଚଳ ତଥା ଗମନାଗମନ ସୁବିଧା ଏଠାରେ ସାତସପନ। ଏଠାରେ କେହି ମଧ ପାଇନାହାନ୍ତି ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ଶ୍ରମିକ କାର୍ଡ ଏବଂ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇଛି କିନ୍ତୁ ଗୋଟିଏ ସପ୍ତାହରେ ପାଞ୍ଚ ଦିନ ବିଦ୍ୟୁତ୍ କାଟ ହେଉଛି। ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ପ୍ରତ୍ୟେକ ଘର ପିଛା ଏକ ହଜାର ଟଙ୍କା ଆଦାୟ କରି ୫୨ହଜାର ଟଙ୍କାରେ ଗ୍ରାମରେ ମାଟି ରାସ୍ତା ନିର୍ମାଣ କରିଥିଲେ। ଏହାପରେ ବର୍ତ୍ତମାନ କାଠ ପୋଲ ପାଇଁ ପ୍ରାୟ ୭ହଜାର ଟଙ୍କା ସଂଗ୍ରହ କରି ନିର୍ମାଣ କରିଛନ୍ତି। ଜିଲା ରାଇପଙ୍କା ପଞ୍ଚାୟତ ଜନକପୁର ଗାଁ ନିକଟରେ ଥିବା କାଲେମା ନାଳରେ ଗତ ଲଗାଣ ବର୍ଷାରେ କାଠ ପୋଲ ଭାସିଯିବା ପରେ ଯାତାୟାତ ପାଇଁ ପୁଣି ଥରେ ଗ୍ରାମବାସୀ ନିଜ ଉଦ୍ୟମରେ କାଠ ପୋଲ ନିର୍ମାଣ କରିଛନ୍ତି। ଗୁଲୁବା ପଞ୍ଚାୟତ ଲଦିଗୁଡାଠାରୁ ରାଇପଙ୍କାକୁ ସଂଲଗ୍ନ କରୁଥିବା ଏହି ରାସ୍ତା ଉପରେ ଜନକପୁର, ଡକରପଙ୍କା ଗାଁ ସମେତ ରାୟଗଡ଼ା ଜିଲାର ୧୫/୨୦ ଖଣ୍ଡ ଗାଁ ନିର୍ଭରଶୀଳ ଥିବା ବେଳେ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଦୈନନ୍ଦିନ ବଜାର ହାଟ, ମେଡ଼ିକାଲ ଯିବାକୁ ହେଲେ ଏହି କାଠପୋଲ ହିଁ ଏବେ ସାହା ଭରସା। ସ୍ଥାୟୀ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ



ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ କାଠପୋଲ।

#### ପ୍ରଶାସନିକ ଅବହେଳା

ବହୁବାର ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନଙ୍କୁ ଗୁହାରି କରି ଆସୁଥିଲେ ବି ସ୍ଥାୟୀ ପୋଲ ନିର୍ମାଣ ହୋଇପାରୁନାହିଁ। ଗ୍ରାମକୁ ଆମ୍ବୁଲାନ୍ସ ମଧ ପହଞ୍ଚି ପାରୁନି। ରୋଗୀ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ତିନି କିମି ବୋହି ଆଣିଲା ପରେ ଲଦିଗୁଡ଼ା ପହଞ୍ଚିବା ପରେ ଗାଡ଼ି ସୁବିଧା ମିଳିଥାଏ। ଖାଲି ସେତିକି ନୁହେଁ ଗ୍ରାମରେ କୌଣସି ସରକାରୀ ଅଧିକାରୀଙ୍କ ପାଦ କେବେ ପଡିନି। ଚାଉଳ, ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ୧୪ କିମି ପାହାଡିଆ ଜଙ୍ଗଲ ରାସ୍ତାରେ ଯିବାକୁ ପଡୁଛି। ଏପରିକି କୋମଳ ଶିଶୁକୁ କାଖ କରି ମେଡ଼ିକାଲ ନେଉଥିବା ଦେଖାଦେଇଛି। ରାଜ୍ୟ ସରକାର ତୁରନ୍ତ ଆମ ଆଦିବାସୀଙ୍କ ଦୁଃଖ ବୁଝିବା ସହ ରାସ୍ତା ନିର୍ମାଣ କରାଇବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଭାରତଲୀଳା କଳାକାର ସଂଘ ବୈଠକ

# ଅଶ୍ଳୀଳ ନୃତ୍ୟ, ନିଶାସେବନ କରିବେନି କଳାକାର

**ଭଞ୍ଜନଗର,୨୩।୯(ଡି.ଏନ୍.ଏ.)**

ଘୁମୁସର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଭାରତ ଲୀଳା କଳାକାର ସଂଘର ଏକ ବୈଠକ ଶୁକ୍ରବାର ତୁତୁଆ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକରେ ଘୁମୁସର ଭାରତ ଲୀଳା କଳାକାର ସଂଘ ପକ୍ଷରୁ ଅଶ୍ଳୀଳ ନୃତ୍ୟ ପରିବେଷଣ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ନିଷ୍ପତ୍ତି ପ୍ରକାରେ ଘୁମୁସର ସଂଘର କଳାକାରମାନେ ଆଉ ଅଶ୍ଳୀଳ ନୃତ୍ୟ ପରିବେଷଣ କରୁନାହାନ୍ତି। କିନ୍ତୁ ଘୁମୁସର ବାହାରେ ଥିବା କଳାକାରମାନେ ଆସି ଅଶ୍ଳୀଳ ନୃତ୍ୟ ପରିବେଷଣ କରିବା ଆଶଙ୍କା ରହିଛି। ଏପରି ହେଲେ ଘୁମୁସର ସଂଘ ବଦନାମ ହେବ। ତେଣୁ ଘୁମୁସର ବାହାରୁ ଆସୁଥିବା ସଂଘ ଗୁଡିକୁ ଅଶ୍ଳୀଳ ନୃତ୍ୟ ପରିବେଷଣ ନ କରିବା ପାଇଁ ଅନୁରୋଧ କରାଯିବ। ଅନ୍ୟପକ୍ଷରେ ନୃତ୍ୟ ପରିବେଷଣ ପୂର୍ବରୁ କଳାକାରମାନେ ନିଶାସେବନ ନ କରିବା ପାଇଁ ବୈଠକରେ କଳାକାରମାନେ ନିଷ୍ପତ୍ତି ନେଇଥିଲେ। ବୈଠକରେ ସଭାପତି ଗୁରୁମୂର୍ତ୍ତି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବାଲ୍ମିକୀ ଗୌଡ, ସହ ସମ୍ପାଦକ କେଶବ ଚନ୍ଦ୍ର ଆଚାର୍ଯ୍ୟ, ଉପସଭାପତି ପ୍ରମୋଦ କୁମାର ଦାସ, କୋଷାଧକ୍ଷ ସୁଶାନ୍ତ କୁମାର ସାହୁ, ପରିଚାଳନା କମିଟି ସଭ୍ୟ ବିଦ୍ୟାଧର ଦଳବେହେରା, ସୋମନାଥ ଗୌଡ, ପ୍ରଫୁଲ୍ଲ କୁମାର ଦାସ, ବାବୁଲା ସେଠୀ, କେଦାର ଜେନା, ସନ୍ତୋଷ ନାୟକ, ଟୁନା ଡାକୁଆ, କୃପାସିନ୍ଧୁ ନାୟକ, ନୀଳମାଧବ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଉପସ୍ଥିତ କଳାକାର।

# ପାର୍ବତୀଗିରି ଉଠା ଜଳସେଚନ ଯୋଜନାରେ ଗଜପତି ସାମିଲ

#### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଜିଲା ବିଜେଡି





ବୈଠକରେ ଉପସ୍ଥିତ ଜିଲା ବିଜେଡିର କାର୍ଯ୍ୟକର୍ତ୍ତା ଓ ଜନପ୍ରତିନିଧିମାନେ।

**ପାରଳାଖେମୁଣ୍ଡି,୨୩।୯(ଡି.ଏନ.ଏ.)**

ଡିପ ଜମିକୁ ଜଳାସେଚନ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପାର୍ବତୀଗିରି ମେଗା ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ଗଜପତି ଜିଲା ସାମିଲ ହୋଇଛି। ଜିଲାର ଗୋଷାଣୀ ଓ ରାୟଗଡ଼ା ବ୍ଲକ ଅଞ୍ଚଳରେ ବୃହତ ଉଠା ଜଳସେଚନ ମାଧ୍ୟମରେ ପ୍ରକଳ୍ପ ଅନୁମୋଦନ କରିଥିବା ହେତୁ ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି। ଶୁକ୍ରବାର ପାରଳାଖେମୁଣ୍ଡିଠାରେ ଥିବା ଜିଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ପ୍ରଦୀପ କୁମାର ନାୟକ କହିଛନ୍ତି, ଗଜପତି ଜିଲାବାସୀଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ପାର୍ବତୀଗିରି ଯୋଜନା ମାଧ୍ୟମରେ ଗୋଷାଣୀ ଓ ରାୟଗଡ଼ା ବ୍ଲକ ଅଞ୍ଚଳର ୧୩ ଗ୍ରାମାଞ୍ଚଳର ଚାଷୀଙ୍କ ପ୍ରାୟ ଦୁଇ ହଜାର ହେକ୍ଟର ଚାଷଜମିକୁ ମହେନ୍ଦ୍ରତନୟା ନଦୀରୁ ଜଳସେଚନ ସୁବିଧା କରିବାକୁ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଦୁଇ ବ୍ଲକର ଚାଷୀ ଉପକୃତ ହେବେ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମରୁଡ଼ିରୁ ରକ୍ଷା ମିଳିବା ସହ ଅଣ ଜଳସେଚିତ ଜମିରେ ଭଲ ଫସଲ ଅମଳ ହୋଇପାରିବ। ସମ୍ମିଳନୀରେ ଜିଲାପରିଷଦ ସଭାପତି ଜି.ତିରୁପତିରାଓ, ପାରଳା ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, କାଶୀନଗର ବ୍ଲକ ବାଲା ସାୟାମ୍ମା, ରାୟଗଡ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଗୋଷାଣୀ ବ୍ଲକ ଅଧକ୍ଷ ଏନ.ବୀରରାଜୁ, ଜିଲା ଯୁବ ବିଜେଡି ସଭାପତି ଏସ.ଲିଙ୍ଗରାଜୁ, ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ ପରିଚ୍ଛା ଉପସ୍ଥିତ ଥିଲେ।

# କ.ନୂଆଗାଁ ପଞ୍ଚାୟତ ସମିତି ବୈଠକ

**କ.ନୂଆଗାଁ ୨୩।୯(ଡି.ଏନ୍.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସଭା ଗୃହଠାରେ ଶୁକ୍ରବାର ଚତୁର୍ଥ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟ,ଶିଶୁ ବିକାଶ ଯୋଜନା, ପଶୁ ସମ୍ପଦ, କୃଷି, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ,ଯୋଗାଣ ବିଭାଗ, ଶିକ୍ଷା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। କେତେକ ବିଦ୍ୟାଳୟରେ ଶିକ୍ଷକମାନେ ବିଦ୍ୟାଳୟକୁ ଠିକ୍ ସମୟରେ ଆସୁନାହାନ୍ତି। ବାଲିଗୁଡା ସରପଞ୍ଚ କନକଲତା ପ୍ରଧାନ ପାଞ୍ଚଟି ଶ୍ରେଣୀ ନିମନ୍ତେ ଜଣେ ମାତ୍ର ଶିକ୍ଷକ ଅଛନ୍ତି, ଅତି କମରେ ଆଉ ଦୁଇ ଜଣ ଶିକ୍ଷକଙ୍କୁ ଯୋଗାଇ ଦେବାକୁ କହିଛନ୍ତି। ସେହିପରି ସିର୍ତ୍ତିଗୁଡା ସମିତି ସଭ୍ୟ ଭାଗ୍ୟବାନ ବେହେରା, ସିର୍ତ୍ତିଗୁଡା ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୯୯ ପିଲା ପାଠ ପଢୁଥିବା ବେଳେ ମାତ୍ର ୩ ଶିକ୍ଷକ ଅଛନ୍ତି। ଏମ୍‌ପି ପ୍ରତିନିଧି ସହଦେବ ପାତ୍ର ଦୁର୍ଗମ ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପ୍ରାଥମିକତା ଦେଇ ଶିକ୍ଷକ ପୂରଣ କରିବାକୁ କହିଥିଲେ। ସଂଘ ସହାୟକ ଗୋଷ୍ଠୀମାନେ ଦେଇଥିବା ମଧାହ୍ନ ଭୋଜନର ପଇସା ଆଜି ପର୍ଯ୍ୟନ୍ତ ପାଇନାହାନ୍ତି। ସେମାନେ କିଭଳି ପାଇବେ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ବିଦ୍ୟାଳୟଗୁଡ଼ିକୁ ଆସୁଥିବା ଚାଉଳ ବସ୍ତା ପ୍ରତି ୫ କେ.ଜି କମୁଥିବା ଅଭିଯୋଗ କରିଥିଲେ, ବୈଠକରେ ଶିକ୍ଷକମାନଙ୍କୁ ଓଜନ କରି ରଖିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ସେହିଭଳି ପଞ୍ଚାୟତକୁ ଆସୁଥିବା ପିଡିଏସ ଚାଉଳ ଓଜନ କରି ରଖିବା ପାଇଁ ସରପଞ୍ଚମାନଙ୍କୁ କୁହାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ବେଳେ ରୋଗୀ କଲ୍ୟାଣ ସମିତି ବୈଠକକୁ ଜିଲାପରିଷଦ ସଭ୍ୟଙ୍କୁ ଡାକି ନଥିବା ଯୋଗୁ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ଏହି ବୈଠକରେ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ବିଡିଓ ଶରତ କୁମାର ପାତ୍ର, ବ୍ଲକ ଉପାଧକ୍ଷ ଧବଳେଶର ପାତ୍ର, ଜିଲା ପରିଷଦ ସଭ୍ୟ ଅନିତା ମଲିକ, ଏମ୍‌ପି ପ୍ରତିନିଧି ସହଦେବ ପାତ୍ର, ସହକାରୀ ନିର୍ବହୀ ଯନ୍ତ୍ରୀ ଶୁଭମ ମହାପାତ୍ର, ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ପାଣିଗ୍ରାହୀଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକର ସମସ୍ତ ବିଭାଗୀୟ ପଦସ୍ଥ କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ ଜିପିଓ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।





ବୈଠକରେ ଆଲୋଚନା ଚାଲିଛି।

# କଲେଜ ଛାତ୍ରୀଙ୍କ ବ୍ୟାଗ ଲୁଟ ଘଟଣା, ୩ ଗିରଫ

**ହିଞ୍ଜିଳିକାଟୁ, ୨୩।୯(ଡି.ଏନ୍.ଏ):**

ହିଞ୍ଜିଳି ଥାନା ଶିକିରିଠାରେ ଜଣେ କଲେଜ ଛାତ୍ରୀଙ୍କ ବ୍ୟାଗକୁ ୩ଜଣ ଯୁବକ ଲୁଟି ନେଇଥିଲେ। ଏହି ମାମଲାରେ ଶୁକ୍ରବାର ହିଞ୍ଜିଳି ପୋଲିସ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଟପୁର ଥାନା କଙ୍କୋରଡ଼ା ଗ୍ରାମର ଅଶୋକ ବିଶୋୟୀ, ଶ୍ରୀକାନ୍ତ ଜେନା ଓ ସୁବ୍ରତ ଜେନା। ଅଭିଯୁକ୍ତମାନଙ୍କଠାରୁ ଛାତ୍ରୀଙ୍କ ବ୍ୟାଗ୍ ସମେତ ମୋବାଇଲ ଫୋନ, ସ୍କୁଲ କଲେଜ ସାର୍ଟିଫିକେଟ, ଆଧାର କାର୍ଡ ଆଦିକୁ ପୋଲିସ ଉଦ୍ଧାର କରି ଛାତ୍ରୀଙ୍କୁ ଫେରସ୍ତ କରିଛି। ଅନ୍ୟପକ୍ଷରେ ଏକ ବାଇକକୁ ପୋଲିସ ଅଭିଯୁକ୍ତଙ୍କଠାରୁ ଜବତ କରିଛି। ପ୍ରକାଶ ଯେ, ହିଞ୍ଜିଳିକାଟୁ ବ୍ଲକ ବାଦିଆମ୍ବଗାଁର କଲେଜ ଛାତ୍ରୀ ସନ୍ଧ୍ୟାରାଣୀ ଜେନା ଗାଁରୁ ଅନ୍ୟ ସାଙ୍ଗମାନଙ୍କ ସହ ସାଇକେଲରେ କମ୍ପ୍ୟୁଟର କ୍ଲାସ ପାଇଁ ହିଞ୍ଜିଳିକାଟୁ ଆସୁଥିଲେ। ଗତ ଅଗଷ୍ଟ ୨୫ରେ ସେମାନେ ହିଞ୍ଜିଳିକାଟୁରୁ ନିଜଗାଁକୁ ମଧାହ୍ନରେ ଫେରୁଥିବା ବେଳେ ଶିକିରି ଗାଁ ନିକଟରେ ଗୋଟିଏ ବାଇକରେ ୩ଜଣ ପଛ ପଟୁ ଆସି ସନ୍ଧ୍ୟାରାଣୀଙ୍କ ସାଇକେଲ ବାସ୍କେଟରେ ଥିବା ବ୍ୟାଗକୁ ହଠାତ ଲୁଟି ନେଇଯାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୪୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସନ୍ଧ୍ୟାରାଣୀ କିଛିଦିନ ପରେ ଯୁକ୍ତ ୩ରେ ନାମଲେଖା କରିବାକୁ ଥିବାରୁ ଓରିଜିନାଲ ସାର୍ଟିଫିକେଟ ଅତ୍ୟନ୍ତ ଜରୁରୀ ଥିଲା।



ପୋଲିସ ଦ୍ୱାରା ଉଦ୍ଧାର ସାମଗ୍ରୀକୁ ଛାତ୍ରୀଙ୍କୁ ଫେରସ୍ତ କରାଯାଉଛି।

## ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**କାଶୀନଗର,୨୩।୯**

କାଶୀନଗର ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚଳିତ ବର୍ଷ ଶିକ୍ଷା ବିଭାଗର ନିର୍ଦ୍ଦେଶ ପ୍ରକାରେ ଏକ ସ୍ୱତନ୍ତ୍ର ଇଣ୍ଡକ୍ସନ୍ କ୍ଲାସ କରାଯାଇ ସିଲାବସ୍, ନୀତି ଶିକ୍ଷା ପରୀକ୍ଷା ପଦ୍ଧତି ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। କଲେଜ ଅଧକ୍ଷ ନବକୃଷ୍ଣ ସାହୁକାରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ଆଲୋଚନାରେ ସହଯୋଗ କରିଥିଲେ। ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅହିଂସା ରଥକୁ ସ୍ୱାଗତ

**ପାତ୍ରପୁର/ଶେରଗଡ଼,୨୩।୯(ଡି.ଏନ.ଏ.)**

ପାତ୍ରପୁର ବ୍ଲକକୁ ଶୁକ୍ରବାର ଆସିଥିବା ଅହିଂସା ରଥକୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ବିଡିଓ ପ୍ରକାଶ ଦାସ, ତହସିଲଦାର ଅମୀୟ କୁମାର ନାୟକ, ବିଇଓ ଲୋକନାଥ ପାଢ଼ୀ, ବ୍ଲକ କଳାକାର ସଂଘ ଉପସଭାପତି ମାଧବ ବାଡତ୍ୟା, ସିଆର୍‌ସିସି ଟୁଟୁ ପ୍ରଧାନ ପ୍ରମୁଖ ପାଛୋଟି ଆଣିଥିଲେ। ପରେ ପାତ୍ରପୁର ତଳ ବସଷ୍ଟାଣ୍ଡଠାରୁ ଅହିଂସା ରଥକୁ ବିରାଟ ଶୋଭାଯାତ୍ରାରେ ବ୍ଲକ ପରିସରକୁ ନିଆଯାଇଥିଲା। କାର୍ଯ୍ୟକ୍ରମରେ ମେଡିକାଲ ଇନଚାର୍ଜସମ୍ପିତ ବେଗ ରାୟ, ସିଡିପିଓ ସରୋଜ ବାଳା ଆଚାର୍ଯ୍ୟ, ଜିଲା ମଙ୍ଗଳ ଅଧିକାରୀ ପରିକ୍ଷିତ ଦାସ, ଯୋଗାଣ ଅଧିକାରୀ ପଦ୍ମେଶ ଶତପଥୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ମଙ୍ଗଳ ଅଧିକାରୀ ଧୀରେନ୍ଦ୍ର କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। କଳ୍ପଲତା ମହାରଣା ମଞ୍ଚ ପରିଚାଳନା କରିଥିଲେ। ସେହିପରି ଶେରଗଡରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଡିଆର୍‌ଡିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ଉପାଧକ୍ଷ ସାଧୁସ୍ମିତା ପଟ୍ଟନାୟକ, ବିଡିଓ ଶିବାଶିଷ ବରାଳ, ତହସିଲଦାର, ଡ. ଦୟାସିନ୍ଧୁ ପରିଡା, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ହୀନ ବେହେରା, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ସମୀର ପ୍ରଧାନ, ସିଡିପିଓ ଗୀତାଞ୍ଜଳି ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ଡୁଗୁଡ଼ିପାରି ଗାଁକୁ ନାହିଁ ପକ୍କା ରାସ୍ତା, ହଟହଟା ଗ୍ରାମବାସୀ

**ଜି.ଉଦୟଗିରି,୨୩।୯(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକର କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡୁଗୁଡ଼ିପାରି ହେଉଛି ଏକ ରାଜସ୍ୱ ଗ୍ରାମ। ଯାହାର ଜନସଂଖ୍ୟା ପ୍ରାୟ ଦୁଇ ହଜାର ପାଖାପାଖି। କିନ୍ତୁ ଦୁଃଖର ବିଷୟ ଏହି ଗ୍ରାମକୁ ଭଲ ରାସ୍ତାଟିଏ ନ ଥିବାରୁ ଆମ୍ବୁଲାନ୍ସ ଏପରିକି ସାମାନ୍ୟ ବର୍ଷା ହେଲେ ଅଟୋଟିଏ ଯାଇ ନ ପାରିବାରୁ ରୋଗୀ ଓ ଗର୍ଭବତୀଙ୍କୁ ଅସୁବିଧା ହେଉଛି। ଏହି ଗ୍ରାମକୁ ତିନିପଟୁ ସଂଯୋଗ ଥିଲେ ମଧ କୌଣସି ରାସ୍ତା ଭଲ ନାହିଁ। ଏହି ଗ୍ରାମଟି କଳିଙ୍ଗାଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଅବସ୍ଥିତ। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ପିଲାମାନେ ସ୍କୁଲ ଓ କଲେଜ ଯିବା ଅସୁବିଧା ହେଉଛି। ତେଣୁ ଶୀଘ୍ର ପକ୍କା ରାସ୍ତା ନିର୍ମାଣ କରାନଗଲେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।



ଡୁଗୁରିପାରି ରାସ୍ତା ଖାଲ ଢ଼ିପ ହୋଇ ରହିଛି।

# ପୂର୍ଣ୍ଣାଙ୍ଗ ହୋଇନି ଜିଲା ଯୋଜନା କମିଟି

**ଛତ୍ରପୁର,୨୩।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଯୋଜନା କମିଟି ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ଭାବେ ଗଠନ ହୋଇପାରିନି। ଜିଲା ଯୋଜନା କମିଟିରେ ଅଧକ୍ଷଙ୍କ ସମେତ ୨୦ ଜଣ ସଦସ୍ୟ ରହିବା ନିୟମ ରହିଛି। ସେଥିମଧ୍ୟରେ ଜିଲାପରିଷଦ ସଭ୍ୟଙ୍କ ମଧ୍ୟରୁ ୧୩ ଜଣ, ଏନ୍‌ଏସି, ମ୍ୟୁନିସିପାଲଟି ଓ ମହାନଗର ନିମଗମ ସଦସ୍ୟଙ୍କ ମଧ୍ୟରୁ ୩ ଜଣ, ୨ ଜଣ ଏକ୍ସପର୍ଟ, ମେୟର ତଥା କନଭେର ଭାବେ ଜିଲାପାଳ, ଜିଲା ଯୋଜନା କମିଟିର ଅଧକ୍ଷ ଏହି କମିଟିର ଅଧକ୍ଷ ଭାବେ ରହିଛନ୍ତି। ତେବେ କେବଳ ଜିଲାପରିଷଦ ସଭ୍ୟଙ୍କ ମଧ୍ୟରୁ ୧୩ ଜଣ ସଦସ୍ୟ ନିର୍ବାଚିତ ହୋଇଥିବା ବେଳେ ମେୟର କନଭେନର ଜିଲାପାଳ ହୋଇସାରଛନ୍ତି। ଏଥିସହ ଗଞ୍ଜାମ ଜିଲା ଯୋଜନା କମିଟି ଅଧକ୍ଷ ଭାବେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ରାଜ୍ୟ ସରକାର ମନୋନୀତ କରିଛନ୍ତି। ଜିଲା ଯୋଜନା କମିଟି ପୂର୍ଣ୍ଣାଙ୍ଗ ପାଇଁ ଆହୁରି ୫ ସଦସ୍ୟ ଆବଶ୍ୟକ ପଡୁଛି। ଏଥିରୁ ୩ ଜଣ ସଦସ୍ୟ ନିର୍ବାଚିତ ହେବାକୁ ଥିବା ବେଳେ ୨ ଜଣ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବେ। ତେବେ ଏନେଇ ବିଳମ୍ବ ଦେଖାଦେଇଛି। ଫଳରେ ଯୋଜନା କମିଟି ଗଠନ ହେଉନି କି ଏହାର କାର୍ଯ୍ୟ ଆରମ୍ଭ ହୋଇପାରୁନି। ଏଥିଲାଗି ସରକାରୀ ସ୍ତରରେ କେବଳ ଯୋଜନା ପ୍ରସ୍ତୁତ ହେଉଛି। ଜିଲାରେ ଦୀର୍ଘ ମାସ ଧରି ଏହି ଅବ୍ୟବସ୍ଥା ଲାଗି ରହିଛି। ସୂଚନା ଅନୁସାରେ ଏନଏସି, ମ୍ୟୁନିସିପାଲଟି ଓ ମହାନଗର ନିଗମର ୩ ସଦସ୍ୟ ଏହି କମିଟିକୁ ନିର୍ବାଚିତ ପାଇଁ ଗାଇଡଲାଇନ୍ ପ୍ରସ୍ତୁତ ହୋଇନି।

ସୂଚନାଯୋଗ୍ୟ, ଏନଏସି ଅଧକ୍ଷମାନେ ସିଧାସଳଖ ନିର୍ବାଚିତ ହୋଇଥିବାରୁ ସରକାର କୌଣସି ନିଷ୍ପତ୍ତି ନେଇପାରୁନାହାନ୍ତି। ପୂର୍ବରୁ କାଉନସିଲର ଓ କର୍ପୋରେଟରମାନେ ନିର୍ବାଚିତ ହୋଇ ଯୋଜନା କମିଟି ସଦସ୍ୟ ହେଉଥିଲେ। ଜିଲା ଯୋଜନା କମିଟିର ସଦସ୍ୟ ଭାବେ ୨ ଜଣ ଏକ୍ସପର୍ଟଙ୍କୁ ରାଜ୍ୟ ସରକାର ଏଯାବତ ମନୋନୀତ କରିନାହାନ୍ତି। ବ୍ରହ୍ମପୁର ବ୍ୟତୀତ ଅନ୍ୟ ୧୨ ବିଧାନସଭା ନିର୍ବାଚନମଣ୍ଡଳୀର ଜିଲାପରିଷଦ ସଭ୍ୟଙ୍କ ମଧ୍ୟରୁ ବିଜେଡିର ୧୩ ଜଣ ଜିଲାପରିଷଦ ସଭ୍ୟ ଜିଲା ଯୋଜନା କମିଟିକୁ ନିର୍ବାଚିତ ହୋଇସାରିଛନ୍ତି। ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସହରାଞ୍ଚଳ ହୋଇଥିବାରୁ ଏଠାରୁ କେହି ଜିଲାପରିଷଦ ସଭ୍ୟ ନାହାନ୍ତି।

